# ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ମହାନିର୍ଦ୍ଦେଶାଳୟ, କଟକ

## ଆଗ୍ନିକ ଏବଂ ଆଗ୍ନିକ ଗାଡ଼ିଚାଳକ ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞାପନ

**ବିଜ୍ଞାପନ ସଂଖ୍ୟା .________, ତାରିଖ ____________**

ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ସଂସ୍ଥାର ୮୨୬ ଟି ଆଗ୍ନିକ ଏବଂ ୧୧୬ ଟି ଆଗ୍ନିକ ଗାଡ଼ିଚାଳକ ପଦବୀ ପୂରଣ ନିମନ୍ତେ ଆବେଦନ ଅନ୍ ଲାଇନ ମାଧ୍ୟମରେ ଆହ୍ୱାନ କରାଯାଉଛି । ଦରଖାସ୍ତ ଗ୍ରହଣର ନିର୍ଦ୍ଧାରିତ ସମୟ ତା.୦୧.୦୯.୨୦୨୩ ରୁ ତା ୩୦.୦୯.୨୦୨୩ I ନିର୍ଦ୍ଧାରିତ ତାରିଖ

ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ I ଦରଖାସ୍ତ କେବଳ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ୱେବସାଇଟ୍ www.odishafshgscd.gov.in ମାଧ୍ୟମରେ ଆବେଦନ ଓ ଗ୍ରହଣ କରାଯିବ I ପୋର୍ଟାଲ ବ୍ୟତୀତ ଅନ୍ୟ କୌଣସି ମାଧ୍ୟମ ରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ I

**ଖାଲିଥିବା ପଦବୀ ସଂଖ୍ୟା**

| ପଦବୀ | ଅଣସଂରକ୍ଷିତ | ଅନୁସୂଚିତ ଉପଜାତି | ଅନୁସୂଚିତ ଜାତି | ମୋଟ |
|---|---|---|---|---|
| | ୧ | ୨ | ୩ | ୪ |
| ଆଗ୍ନିକ | ୬ ୨ ୨ | ୧ ୧ ୩ | ୯ ୧ | ୮୨୬ |
| ଆଗ୍ନିକ ଗାଡିଚାଳକ | ୭ ୪ | ୩ ୯ | ୦ ୨ | ୧୧୫ |

**ବି.ଦ୍ର.-** ଖାଲିଥିବା ମୋଟ ପଦବୀ ସଂଖ୍ୟା ମଧ୍ୟରେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଓ କ୍ରୀଡାବିତମାନଙ୍କ ପାଇଁ ଉଦ୍ଦିଷ୍ଟ ପଦବୀ ତଥା ସ୍ୱରାଷ୍ଟ୍ର ବିଭାଗ ପତ୍ର ସଂଖ୍ୟା ୫୧୬/ବେ.ପ୍ର. ତା.୧୬.୩.୯୫ ରିଖ ଅନୁସାରେ ଗୃହରକ୍ଷୀ ପାଇଁ ଉଦ୍ଦିଷ୍ଟ ୧୦% ପଦବୀ ଅନ୍ତର୍ଭୁକ୍ତ I ଅବସରପ୍ରାପ୍ତ ସାମରିକ କର୍ମଚାରୀ, କ୍ରୀଡାବିତ୍ ଓ ଗୃହରକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷିତ ପଦବୀ ଗୁଡିକ ସରକାରୀ ନିୟମ ଅନୁସାରେ ପୂରଣ କରାଯିବ I

**୨. ଦରମା ହାର ଓ ଭତ୍ତା (ଉଭୟ ଆଗ୍ନିକ ଓ ଆଗ୍ନିକ ଗାଡ଼ିଚାଳକ ପଦବୀ ପାଇଁ)**

(ଉପରୋକ୍ତ ପଦବୀ ଗୁଡିକର ବେତନ ହାର ଟ.୧୯,୯୦୦/ - (ସ୍ତର, -୪, ସେଲ୍ -୧) ରେ, ଓ. ଆର. ଏସ୍. ପି - ୨୦୧୭ ନିୟମ ଅନୁଯାୟୀ ପେ ମ୍ୟାଟ୍ରିକ୍ସରେ ରହିବ I ମହଙ୍ଗା ଏବଂ ଅନ୍ୟାନ୍ୟ ଭତ୍ତା ସମୟାନୁସାରେ ସରକାର ଅନୁମୋଦନ କରିପାରନ୍ତି |

**୩. ପରୀକ୍ଷା ଦେୟ**

ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପତ୍ର ସଂଖ୍ୟା ୧୧୨୩୩ ତାରିଖ ୨୫.୦୪.୨୦୨୨ ଅନୁସାରେ ଆଗ୍ନିକ ଏବଂ ଆଗ୍ନିକ ନିଯୁକ୍ତି ପରୀକ୍ଷା ସମସ୍ତ ବର୍ଗଙ୍କ ପାଇଁ ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ I

**୪ . ବୟସ ସୀମା(ଉଭୟ ଆଗ୍ନିକ ଓ ଆଗ୍ନିକ ଗାଡ଼ିଚାଳକ ପଦବୀ ପାଇଁ)**

ପ୍ରାର୍ଥୀଙ୍କର ବୟସ ତା.୦୧.୦୧.୨୦୨୩ ରିଖ ସୁଦ୍ଧା ୧୮ ବର୍ଷରୁ କମ୍ କିମ୍ବା ୨୫ ବର୍ଷରୁ ଅଧିକ ହୋଇନଥିବ I ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି ଏବଂ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ I ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କ ସର୍ବୋଚ୍ଚ ବୟସ ସୀମା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ନିୟମାନୁସାରେ କୋହଳ କରାଯିବ I ଗୃହରକ୍ଷୀ ଦରଖାସ୍ତକାରୀ ମାନଙ୍କ ବୟସ ୩୦ ବର୍ଷରୁ ଅଧିକ ହୋଇନଥିବ I

୫ . **ଯୋଗ୍ୟତା**

**ଆଗ୍ନିକ ପଦବୀ ପାଇଁ :-**

(କ) ପ୍ରାର୍ଥୀ ଭାରତୀୟ ନାଗରିକ ହୋଇଥିବେ ।

(ଖ) ପ୍ରାର୍ଥୀ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କିମ୍ବା ଅନ୍ୟ କୌଣସି ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନ ଯଥା-ଆଇ.ସି.ଏସ୍.ଇ. ଓ ସି. ବି. ଏସ୍.ଇ. ରୁ +୨ ସାର୍ଟିଫିକେଟ୍ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

(ଗ) ପ୍ରାର୍ଥୀ ଓଡିଆକୁ ଏକ ବିଷୟରୂପେ ନେଇ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ଓଡ଼ିଆ ଭାଷାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏମ୍.ଇ. ଷ୍ଟାଣ୍ଡାର୍ଡ୍ ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡ଼ିଆ ଭାଷା କହିପାରୁଥିବେ, ପଢିପାରୁଥିବେ ଓ ଲେଖିପାରୁଥିବେ ।

(ଘ) ସେ ସ୍ୱାସ୍ଥ୍ୟବାନ ହୋଇଥିବେ ଓ ଶାରୀରିକ ଏବଂ ମାନସିକ ରୂପେ ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ହୋଇନଥିବେ ।

(ଙ) ଗୃହରକ୍ଷୀମାନେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ତାରିଖ ସୁଦ୍ଧା ଗୃହରକ୍ଷୀ ଭାବରେ ଅତିକମ୍ ରେ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବେ ଏବଂ ଗୃହରକ୍ଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ମୌଳିକ ତାଲିମ ନେଇଥିବେ । ତତ୍ ସମ୍ବନ୍ଧୀୟ ପ୍ରମାଣ ପତ୍ର ନିର୍ଦ୍ଧାରିତ ଫର୍ମରେ ଦୁର୍ଗପତି, ଗୃହରକ୍ଷୀ (Commandant, Home Guard) ଙ୍କ ଠାରୁ ସଂଗ୍ରହ କରି ଆବେଦନ କରିବେ ।

(ଚ) ପ୍ରାର୍ଥୀଙ୍କ ଚରିତ୍ର ଉତ୍ତମ ହୋଇଥିବ ଓ ସେ କୌଣସି ଅପରାଧିକ ମାମଲାରେ ସମ୍ପୃକ୍ତ ହୋଇନଥିବେ ।

(ଛ) ମହିଳା ଓ ଶାରୀରିକ ରୂପେ ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ପ୍ରାର୍ଥୀ ଏହି ପଦବୀ ପାଇଁ ଆବେଦନ କରିପାରିବେ ନାହିଁ ।

(ଯୋଗ୍ୟତା ସମ୍ବନ୍ଧୀୟ ସବିଶେଷ ବିବରଣୀ ଓଡ଼ିଶା ସରକାରଙ୍କ ଘରୋଇ ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୯୩/୨୦୨୧, ତା. ୨୫.୦୮.୨୦୨୧ ରେ ଉପଲବ୍ଧ ଅଟେ ।)

**ଆଗ୍ନିକ ଗାଡ଼ିଚାଳକ ପଦବୀ ପାଇଁ:-**

(କ) ପ୍ରାର୍ଥୀ ଭାରତୀୟ ନାଗରିକ ହୋଇଥିବେ ।

(ଖ) ପ୍ରାର୍ଥୀଙ୍କର ଭାରୀଯାନ ଚଳାଇବାର ବୈଧ ଲାଇସେନ୍ସ ଥିବ ।

(ଗ) ପ୍ରାର୍ଥୀ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କିମ୍ବା ଅନ୍ୟ କୌଣସି ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନ ଯଥା-ଆଇ.ସି.ଏସ୍.ଇ. ଓ ସି. ବି. ଏସ୍.ଇ. ରୁ +୨ ସାର୍ଟିଫିକେଟ୍ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

(ଘ) ପ୍ରାର୍ଥୀ ଓଡିଆକୁ ଏକ ବିଷୟରୂପେ ନେଇ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ଓଡ଼ିଆ ଭାଷାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏମ୍.ଇ. ଷ୍ଟାଣ୍ଡାର୍ଡ୍ ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡ଼ିଆ ଭାଷା କହିପାରୁଥିବେ, ପଢିପାରୁଥିବେ ଓ ଲେଖିପାରୁଥିବେ ।

(ଙ) ସେ ସ୍ୱାସ୍ଥ୍ୟବାନ ହୋଇଥିବେ ଓ ଶାରୀରିକ ଏବଂ ମାନସିକ ରୂପେ ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ହୋଇନଥିବେ ।

(ଚ) ଗୃହରକ୍ଷୀମାନେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ତାରିଖ ସୁଦ୍ଧା ଗୃହରକ୍ଷୀ ଭାବରେ ଅତିକମରେ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବେ ଏବଂ ଗୃହରକ୍ଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ମୌଳିକ ତାଲିମ ନେଇଥିବେ । ତତ୍ ସମ୍ବନ୍ଧୀୟ ପ୍ରମାଣ ପତ୍ର ନିର୍ଦ୍ଧାରିତ ଫର୍ମରେ ଦୁର୍ଗପତି, ଗୃହରକ୍ଷୀ (Commandant, Home Guard)ଙ୍କ ଠାରୁ ସଂଗ୍ରହ କରି ଆବେଦନ କରିବେ ।

(ଛ) ପ୍ରାର୍ଥୀଙ୍କ ଚରିତ୍ର ଉତ୍ତମ ହୋଇଥିବ ଓ ସେ କୌଣସି ଅପରାଧିକ ମାମଲାରେ ସମ୍ପୃକ୍ତ ହୋଇନଥିବେ ।

(ଜ) ମହିଳା ଓ ଶାରୀରିକ ରୂପେ ଅକ୍ଷମ ବା ବିକଳାଙ୍ଗ ପ୍ରାର୍ଥୀ ଏହି ପଦବୀ ପାଇଁ ଯୋଗ୍ୟ ବିବେଚିତ ନୁହଁନ୍ତି ।

(ଯୋଗ୍ୟତା ସମ୍ବନ୍ଧୀୟ ସବିଶେଷ ବିବରଣୀ ଓଡ଼ିଶା ସରକାରଙ୍କ ଘରୋଇ ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୯୩/୨୦୨୧, ତା. ୨୫.୦୮.୨୦୨୧ ରେ ଉପଲବ୍ଧ ଅଟେ ।)

**୬ . ଲିଖିତ ପରୀକ୍ଷାର ସ୍ଥାନ ଓ ଚୟନ :-**

(କ) ଅଗ୍ନିକ ଓ ଅଗ୍ନିକ ଗାଡ଼ିଚାଳକ ପାଇଁ ଲିଖିତ ପରୀକ୍ଷା କେନ୍ଦ୍ର ରାଜ୍ୟର କେଉଁ ସ୍ଥାନମାନଙ୍କରେ ହେବ ତାହା ଓଡ଼ିଶା ଅଗ୍ନିଶମ ସେବା ନିଯୁକ୍ତି ମଣ୍ଡଳୀ ସ୍ଥିର କରିବ ଏବଂ ଲିଖିତ ପରୀକ୍ଷା ଯଥେଷ୍ଟ ପୂର୍ବରୁ ନିଜ ନିଜର ପରୀକ୍ଷା କେନ୍ଦ୍ର ବିଷୟରେ ପ୍ରାର୍ଥୀ ମାନଙ୍କୁ ସୂଚିତ କରାଯିବ । ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀ ମାନଙ୍କ ପାଇଁ ଶାରୀରିକ ମାପ ଓ ଦକ୍ଷତା ପରୀକ୍ଷା କେଉଁଠାରେ ହେବ ତାହା ନିଯୁକ୍ତି ମଣ୍ଡଳୀ ନିଶ୍ଚିତ କରାଇବେ ଓ ଏ ସମ୍ପର୍କିତ ସୂଚନା ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯିବ ।

(ଖ) ବିଜ୍ଞାପିତ ହୋଇଥିବା ମୋଟ ପଦବୀ ର ସାତ ଗୁଣା ଉତ୍କୃଷ୍ଟ ପ୍ରାର୍ଥୀ (ବିଭିନ୍ନ ବର୍ଗରୁ) ଲିଖିତ ପରୀକ୍ଷାରୁ ଚୟନ କରାଯିବ ଓ ସେମାନେ ପରବର୍ତ୍ତୀ ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେବାପାଇଁ ଯୋଗ୍ୟ ବିବେଚିତ ହେବେ । ଲିଖିତ ପରୀକ୍ଷା ପରେ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା କରାଯିବ ।

**୭ . ଲିଖିତ ପରୀକ୍ଷାର ପଦ୍ଧତି:-**

(କ) ଲିଖିତ ପରୀକ୍ଷାରେ ପୂର୍ଣ୍ଣ ସଂଖ୍ୟା-୧୦୦ ଓ ସମୟ-ଘ.୨ ଦିଆଯିବ ।

(ଖ) ଲିଖିତ ପରୀକ୍ଷାର ପ୍ରତି ସଠିକ୍ ଉତ୍ତର ପାଇଁ ୧ ନମ୍ବର ଓ ଭୁଲ ଉତ୍ତର ପାଇଁ ବିଯୁକ୍ତ ୦.୨୫ ନମ୍ବର ଦିଆଯିବ ।

(ଗ) ଲିଖିତ ପରୀକ୍ଷାର ପ୍ରଶ୍ନ ଗୁଡିକ ବିଭିନ୍ନ ବିଷୟରୁ ପଚରାଯିବ ଓ Multiple Choice type ମାଧ୍ୟମରେ ଠିକ୍ ଉତ୍ତର ବାଛିବାକୁ ହେବ । OMR Sheet ରେ ପରୀକ୍ଷା କରାଯିବ ।

(ଘ) **ବିଷୟ**

ଲିଖିତ ପରୀକ୍ଷାରେ ନିମ୍ନଲିଖିତ ବିଷୟରୁ ପ୍ରଶ୍ନ ଆସିବ ।

| ଅଗ୍ନିକ ପଦବୀ ପାଇଁ | ଅଗ୍ନିକ ଗାଡ଼ିଚାଳକ ପଦବୀ ପାଇଁ |
|---|---|
| ୧. English ଓ ଓଡ଼ିଆ ଭାଷା<br>୨. ସାଧାରଣ ଅଧ୍ୟୟନ<br>୩. କମ୍ପ୍ୟୁଟର ମୂଳତତ୍ତ୍ୱ ଓ ଆଇ.ଟି. ଦକ୍ଷତା ସମ୍ବନ୍ଧୀୟ | ୧. English ଓ ଓଡ଼ିଆ ଭାଷା<br>୨. ସାଧାରଣ ଅଧ୍ୟୟନ<br>୩. କମ୍ପ୍ୟୁଟର ମୂଳତତ୍ତ୍ୱ ଓ ଆଇ.ଟି. ଦକ୍ଷତା ସମ୍ବନ୍ଧୀୟ<br>୪. ଟ୍ରେଡ୍ ବିଷୟରେ |

**ବି.ଦ୍ର. : ଲିଖିତ ପରୀକ୍ଷା ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଓଡ଼ିଶା ସରକାରଙ୍କ ଘରୋଇ ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୯୩/୨୦୨୧, ତା. ୨୫.୦୮.୨୦୨୧ ରେ ଉପଲବ୍ଧ ଅଟେ ।**

**୮ . ଶାରୀରିକ ମାପ / ଶାରୀରିକ ଦକ୍ଷତା ପରୀକ୍ଷା (ଉଭୟ ଅଗ୍ନିକ ଓ ଅଗ୍ନିକ ଗାଡ଼ିଚାଳକ ପଦବୀ ପାଇଁ)**

ପ୍ରାର୍ଥୀ ମନୋନୟନ ନିମନ୍ତେ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷାର ସ୍ଥାନ ଏବଂ ଏହାର କାର୍ଯ୍ୟସୂଚୀ ପରବର୍ତ୍ତୀ ସମୟରେ ସୂଚିତ କରାଯିବ । ଏହି ସମ୍ପର୍କରେ ନିଯୁକ୍ତି ମଣ୍ଡଳୀ ପ୍ରାର୍ଥୀମାନଙ୍କୁ ଆଗୁଆ ସୂଚନା ଦେବେ । ପ୍ରାର୍ଥୀମାନେ ସେହିଅନୁସାରେ ସମ୍ପୃକ୍ତ ନିଯୁକ୍ତି ପରୀକ୍ଷା କେନ୍ଦ୍ରଠାରେ ଉପସ୍ଥିତ ହେବେ । ଶାରୀରିକ ମାପରେ କୃତକାର୍ଯ୍ୟ ପ୍ରାର୍ଥୀ ମାନେ କେବଳ ଶାରୀରିକ ଦକ୍ଷତା ପରୀକ୍ଷା ଦେଇ ପାରିବେ । ପ୍ରାର୍ଥୀ ସଂଖ୍ୟା ଅଧିକ ହେଲେ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ଅଧିକ ସମୟ ଲାଗିପାରେ । ସେଥିପାଇଁ ପ୍ରାର୍ଥୀମାନେ ୭ ରୁ ୮ ଦିନ ରହିବାପାଇଁ

ପ୍ରସ୍ତୁତ ହୋଇଆସିବା ଆବଶ୍ୟକ । ଶାରୀରିକ ମାପ ପୂର୍ବରୁ କିମ୍ବା ପରେ ପ୍ରାର୍ଥୀଙ୍କର କୌଣସି ଶାରୀରିକ ଅକ୍ଷମତା ଅଛି କି ନାହିଁ, ତାହା ଜାଣିବା ପାଇଁ ଚୟନ ପରିଷଦ ଦ୍ୱାରା ନିଯୁକ୍ତି ଏକ କମିଟି ଦ୍ୱାରା ପରୀକ୍ଷା କରାଯିବ ଏବଂ ଏହି କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ହେବ । ନିଯୁକ୍ତି ପରୀକ୍ଷାର ଯେକୌଣସି ପର୍ଯ୍ୟାୟରେ ଶାରୀରିକ ଅକ୍ଷମତାର ପରୀକ୍ଷା / ପୁନଃ ପରୀକ୍ଷା କରାଯାଇପାରେ ।

(କ) **ଶାରୀରିକ ମାପ :-**

ପ୍ରାର୍ଥୀଙ୍କର ସର୍ବନିମ୍ନ ଶାରୀରିକ ମାପ ନିମ୍ନପ୍ରକାର ହୋଇଥିବା ଆବଶ୍ୟକ ।

| କ୍ର.ସଂ. | ବର୍ଗ | ଉଚ୍ଚତା | ଓଜନ | ଛାତିମାପ | |
|---|---|---|---|---|---|
| | | | | ଅଣସଂପ୍ରସାରିତ | ସଂପ୍ରସାରିତ |
| ୧. | ଅଣସଂରକ୍ଷିତ / ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ | ୧୬୮ ସେ.ମି. | ୫୫ କି.ଗ୍ରା. | ୭୯ ସେ.ମି. | ୮୪ ସେ.ମି. |
| ୨. | ଅନୁସୂଚିତ ଜାତି / ଉପଜାତି | ୧୬୩ ସେ.ମି. | ୫୦ କି.ଗ୍ରା. | ୭୬ ସେ.ମି. | ୮୧ ସେ.ମି. |

**(ଖ)** **ଶାରୀରିକ ଦକ୍ଷତା ପରୀକ୍ଷା** (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା)

ନିମ୍ନଲିଖିତ ବିଭାଗ (event) ରେ ଶାରୀରିକ ଦକ୍ଷତା ପରୀକ୍ଷା କରାଯିବ ।

(୧) ବାଲି ବସ୍ତା ବୋହିବା (କେବଳ ଅଗ୍ନିକ ପଦବୀ ପାଇଁ)

୬୩ କି.ଗ୍ରା. ର ବାଲି ବସ୍ତାକୁ ୧୦୦ ମିଟର ଦୂରକୁ ବୋହିନେବାକୁ ପଡିବ ।

୬୦ ସେକେଣ୍ଡରେ ସମ୍ପୂର୍ଣ୍ଣ କରିପାରିଲେ – ଯୋଗ୍ୟ

୬୦ ସେକେଣ୍ଡରୁ ଅଧିକ ସମୟ ଲାଗିଲେ – ଅଯୋଗ୍ୟ

(୨) ରଶି ଚଢିବା- (କେବଳ ଅଗ୍ନିକ ପଦବୀ ପାଇଁ)

ପ୍ରାର୍ଥୀଙ୍କୁ ଭୂମିଠାରୁ ୬ ମିଟର ପର୍ଯ୍ୟନ୍ତ ଉଚ୍ଚକୁ ରଶି ସାହାର୍ଯ୍ୟରେ କେବଳ ହାତ ଦ୍ୱାରା ଚଢିବାକୁ ହେବ, ଏଥିପାଇଁ ତିନୋଟି ସୁଯୋଗ ଦିଆଯିବ । ତିନୋଟି ସୁଯୋଗ ମଧ୍ୟରେ ୬ ମିଟର ଉଚ୍ଚକୁ ରଶି ସାହାର୍ଯ୍ୟରେ ଚଢିବାରେ ସଫଳ ହୋଇନପାରିଲେ, ପ୍ରାର୍ଥୀ ଅଯୋଗ୍ୟ ଘୋଷିତ ହେବେ ।

(୩) ସନ୍ତରଣ (୧୦୦ ମିଟର)- (ଉଭୟ ଅଗ୍ନିକ ଓ ଅଗ୍ନିକ ଗାଡ଼ିଚାଳକ ପଦବୀ ପାଇଁ)

୧୦୦ ମିଟର ଦୁରତାକୁ ୦୮ ମିନିଟ୍ ମଧ୍ୟରେ ସନ୍ତରଣ ସମ୍ପୂର୍ଣ କରିପାରିଲେ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହେବେ ।

୧୦୦ ମିଟର ଦୁରତାକୁ ୦୮ ମିନିଟ୍ ମଧ୍ୟରେ ସନ୍ତରଣ ସମ୍ପୂର୍ଣ୍ଣ କରିନପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୪) ଦୌଡ଼ ୧.୬ କି.ମି.- (ଉଭୟ ଅଗ୍ନିକ ଓ ଅଗ୍ନିକ ଗାଡ଼ିଚାଳକ ପଦବୀ ପାଇଁ)

୧.୬ କି.ମି. ଦୂରତାକୁ ୦୭ ମିନିଟ୍ ସମୟ ମଧ୍ୟରେ ଅତିକ୍ରମ କରିପାରିଲେ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହେବେ ।

୧.୬ କି.ମି. ଦୂରତାକୁ ୦୭ ମିନିଟ୍ ମଧ୍ୟରେ ସମ୍ପୂର୍ଣ୍ଣ କରିନପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୫) ଉଚ୍ଚଡିଆଁ - ୧.୨୨ ମିଟର (ଉଭୟ ଅଗ୍ନିକ ଓ ଅଗ୍ନିକ ଗାଡ଼ିଚାଳକ ପଦବୀ ପାଇଁ)

ସର୍ବନିମ୍ନ ୧.୨୨ ମିଟର ଉଚ୍ଚଡିଆଁ ପାଇଁ ତିନିଥର ସୁଯୋଗ ଦିଆଯିବ ।

୩ ଥର ସୁଯୋଗ ମଧ୍ୟରେ ୧.୨୨ ମିଟର ଉଚ୍ଚଡିଆଁ ଡେଇଁ ନପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୬) ଲମ୍ବଡିଆଁ - ୩.୬୬ ମିଟର (ଉଭୟ ଅଗ୍ନିକ ଓ ଅଗ୍ନିକ ଗାଡ଼ିଚାଳକ ପଦବୀ ପାଇଁ)

ସର୍ବନିମ୍ନ ୩.୬୬ ମିଟର ଲମ୍ବଡିଆଁ ପାଇଁ ତିନିଥର ସୁଯୋଗ ଦିଆଯିବ ।

୩ ଥର ସୁଯୋଗ ମଧ୍ୟରେ ୩.୬୬ ମିଟର ଲମ୍ବଡିଆଁ ଡେଇଁ ନପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୭) କ୍ରସ କଣ୍ଟ୍ରି - ୫ କି.ମି. (ଉଭୟ ଅଗ୍ନିକ ଓ ଅଗ୍ନିକ ଗାଡ଼ିଚାଳକ ପଦବୀ ପାଇଁ)

୫ କି.ମି. ଦୂରତାକୁ ୨୫ ମିନିଟ୍ ମଧ୍ୟରେ ଅତିକ୍ରମ କରିପାରିଲେ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହେବେ ।

୫ କି.ମି. ଦୂରତାକୁ ୨୫ ମିନିଟ୍ ମଧ୍ୟରେ ଦୌଡ଼ ସମ୍ପୂର୍ଣ୍ଣ କରିନପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

**ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ସମ୍ବନ୍ଧୀୟ ସବିଶେଷ ବିବରଣୀ ଘରୋଇ ବିଭାଗ Resolution No.293/CD dt.25.08.2021 ରେ ଉପଲବ୍ଧ ଅଟେ ।**

**(ଗ) ଗାଡ଼ି ଚାଳନା ପରୀକ୍ଷା (କେବଳ ଅଗ୍ନିକ ଗାଡ଼ିଚାଳକ ପଦବୀ ପାଇଁ)**

ଯେଉଁ ପ୍ରାର୍ଥୀଙ୍କର ବିଜ୍ଞାପନ ପ୍ରକାଶ ପାଇବା ତାରିଖ ସୁଦ୍ଧା ଅତିକମ୍ ରେ ୧ ବର୍ଷର ବୈଧ ଭାରୀଯାନ ଚାଳନା ନିମନ୍ତେ ଲାଇସେନ୍ସ ଥିବ (ଶିକ୍ଷଣ ସମୟକୁ ବାଦ୍ ଦେଇ) ଓ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଥିଲେ ସେହି ପ୍ରାର୍ଥୀ ଗାଡ଼ି ଚାଳନା ପରୀକ୍ଷା ଦେଇ ପାରିବେ । ଏହି ପରୀକ୍ଷାରେ ଭାଗନେବା ପୂର୍ବରୁ ପ୍ରାର୍ଥୀ ତାଙ୍କର ମୂଳ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ ନିମନ୍ତେ ଦାଖଲ କରିବେ । ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତିପରେ ଗାଡ଼ି ଚଳାଇବା, ନିଜର ଦାୟିତ୍ୱ ଓ କର୍ତ୍ତବ୍ୟର ଅଂଶବିଶେଷ ଭାବେ ବିବେଚିତ ହେବେ ।

**୧୦ . ଡାକ୍ତରୀ ପରୀକ୍ଷା** –ଡାକ୍ତରୀ ସ୍କ୍ରିନିଂ ପରୀକ୍ଷା ଓଡ଼ିଶା ସରକାରଙ୍କ ଘରୋଇ ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୯୩/୨୦୨୧, ତା. ୨୫.୦୮.୨୦୨୧ ଅନୁଯାୟୀ କରାଯିବ ।

**୧୧ . ଏନ୍.ସି.ସି. ସାର୍ଟିଫିକେଟ୍–ମୋଟ ନମ୍ବର – ୩**

ଏନ୍.ସି.ସି. ‘A’ ସାର୍ଟିଫିକେଟ୍ ପାଇଁ – ୦୧ ନମ୍ବର

ଏନ୍.ସି.ସି. ‘B’ ସାର୍ଟିଫିକେଟ୍ ପାଇଁ – ୦୨ ନମ୍ବର

ଏନ୍.ସି.ସି. ‘C’ ସାର୍ଟିଫିକେଟ୍ ପାଇଁ – ୦୩ ନମ୍ବର

**୧୨ . ଆବେଦନ ପଦ୍ଧତି–**

ଅଗ୍ନିକ ଓ ଅଗ୍ନିକ ଗାଡ଼ିଚାଳକ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଚାହୁଁଥିବା ପ୍ରାର୍ଥୀମାନେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ନିର୍ଦ୍ଦେଶାଳୟର website–**https://**odishafshgscd.gov.inକୁ ଯାଇ online ମାଧ୍ୟମରେ ଦରଖାସ୍ତ ଆବେଦନ କରିପାରିବେ ।

**୧୩ . ଆବଶ୍ୟକ ପ୍ରମାଣ ପତ୍ରର ନକଲ –**

ଲିଖିତ ପରୀକ୍ଷାରେ ଉତ୍କୃଷ୍ଟ ଆଧାରରେ ଯେଉଁ ପ୍ରାର୍ଥୀ ମାନଙ୍କୁ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ଡକାଯିବ ସେମାନେ ନିମ୍ନଲିଖିତ କାଗଜ ପତ୍ର ଓ ପ୍ରମାଣ ପତ୍ର ର ଓରିଜିନାଲ ଓ ନକଲ ଆଣିକି ଆସିବେ । ସମସ୍ତ ପ୍ରମାଣ ପତ୍ରର ଅବିକଳ ନକଲ ପ୍ରାର୍ଥୀଙ୍କ ଦ୍ୱାରା ସମ୍ପୂର୍ଣ ସ୍ୱାକ୍ଷର ସହିତ ତାରିଖ ଅନୁପ୍ରାଣିତ ହୋଇଥିବ, ନଚେତ୍ ସେଗୁଡିକୁ ଗ୍ରହଣ କୁ ନିଆଯିବ ନାହିଁ । କୌଣସି ପ୍ରାର୍ଥୀ ନିମ୍ନଲିଖିତ ପ୍ରମାଣ ପତ୍ର ଦେଖାଇ ବାରେ ବିଫଳ ହେଲେ ତାଙ୍କର ପ୍ରାର୍ଥୀତ୍ୱ ନାକଜ କରାଯିବ ।

(୧) ଅନ୍ ଲାଇନ ଆବେଦନ ପତ୍ର ର ନକଲ, ଯାହା ଅନ୍ ଲାଇନ ପୋର୍ଟାଲ ରୁ ଡାଉନଲୋଡ୍ କରାଯାଇଥିବ ।

(୨) ଶିକ୍ଷା ଓ ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର (ହାଇସ୍କୁଲ ସାର୍ଟିଫିକେଟ୍, +୨ ସାର୍ଟିଫିକେଟ ଓ ଅନ୍ୟାନ୍ୟ)

(୩) ଜାତିଗତ ପ୍ରମାଣପତ୍ର (କେବଳ ତଫସିଲଭୁକ୍ତ ଜାତି / ଉପଜାତି/ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରଯୁଜ୍ୟ)

(୪) ଗୃହରକ୍ଷୀ ଭାବେ ୩ ବର୍ଷ ନିରବଛିନ୍ନ କାର୍ଯ୍ୟ ପୂର୍ତ୍ତି ପ୍ରମାଣପତ୍ର ଓ ବେସିକ୍ ପ୍ରଶିକ୍ଷଣ ଶେଷ କରିବା ପ୍ରମାଣପତ୍ର । (କେବଳ ଗୃହରକ୍ଷୀ ପ୍ରାର୍ଥୀଙ୍କ ପାଇଁ )

(୫) ଭାରୀ ଗାଡ଼ିଚାଳନା ଲାଇସେନ୍ସ (ଅଗ୍ନିକ ଗାଡ଼ିଚାଳକ ପଦବୀ ପାଇଁ)

(୬) କ୍ରୀଡା ପ୍ରମାଣପତ୍ର (କ୍ରୀଡାବିତ୍ ଙ୍କ ପାଇଁ)

(୭) ଏନ୍.ସି.ସି. ସାର୍ଟିଫିକେଟ୍ (ଏନ୍.ସି.ସି. ସାର୍ଟିଫିକେଟ୍ ପ୍ରାପ୍ତ ପ୍ରାର୍ଥୀଙ୍କ ପାଇଁ)

(୮) ଡିସଚାର୍ଜ ପ୍ରମାଣପତ୍ର (ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କ ପାଇଁ)

(୯) ଭୋଟର ପରିଚୟ ପତ୍ର (Voter Id Card)/ ଆଧାର କାର୍ଡ (Aadhaar Card)/ ପାନ୍ କାର୍ଡ (Pan Card)/ ଡ୍ରାଇଭିଂ ଲାଇସେନ୍ସ (Driving Licence) / ପାସପୋର୍ଟ (Passport) ମଧ୍ୟରୁ ଯେକୌଣସି ଗୋଟିଏ ପରିଚୟ ପତ୍ର ।

(୧୦) ପ୍ରାର୍ଥୀ ଦରଖାସ୍ତ ଫର୍ମର ଆବେଦନ ସମୟରେ ଅପ୍ ଲୋଡିଙ୍ଗ କରିଥିବା ସମୟର ତିନୋଟି ପାସପୋର୍ଟ ସାଇଜ୍ ରଙ୍ଗୀନ ଫଟୋଗ୍ରାଫ୍ ପଛପଟେ ସମ୍ପୂର୍ଣ୍ଣ ସ୍ୱାକ୍ଷର ଥାଇ ସଂଯୁକ୍ତ କରିବେ ।

(୧୧) ଉପରୋକ୍ତ ସମସ୍ତ ପ୍ରମାଣପତ୍ରର ଅବିକଳ ନକଲ ପ୍ରାର୍ଥୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ସହିତ ତାରିଖ ଥାଇ ଅନୁପ୍ରମାଣିତ (Self attested) ହୋଇଥିବା ଆବଶ୍ୟକ ।

**ବି.ଦ୍ର. :** ପ୍ରାର୍ଥୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ସେମାନେ ଆବେଦନ କରିବା ପୂର୍ବରୁ ଅଗ୍ନିକ ଏବଂ ଅଗ୍ନିକ ଗାଡ଼ିଚାଳକ ପଦବୀ ନିମନ୍ତେ ସେମାନଙ୍କର ଆବଶ୍ୟକ ଯୋଗ୍ୟତା ଅଛି କି ନାହିଁ ସେ ବିଷୟରେ ନିଶ୍ଚିତ ହୋଇ ଆବେଦନ କରିବେ ।

ଅଗ୍ନିକ ଏବଂ ଅଗ୍ନିକ ଗାଡ଼ିଚାଳକ ନିଯୁକ୍ତି ସମ୍ବନ୍ଧୀୟ ସବିଶେଷ ବିବରଣୀ ଓଡ଼ିଶା ସରକାରଙ୍କ ଘରୋଇ ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୯୩/୨୦୨୧, ତା. ୨୫.୦୮.୨୦୨୧ ତଥା ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା website – www.odishafshgscd.gov.in ଉପଲବ୍ଧ ।

୧୪. **କେଉଁ କ୍ଷେତ୍ରରେ ଆବେଦନ ଖାରଜ କରାଯିବ ।**

ନିମ୍ନଲିଖିତ କାରଣ ଗୁଡିକ ପାଇଁ ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ଖାରଜ କରାଯିବ ।

(କ) ଅସମ୍ପୂର୍ଣ୍ଣ ଆବେଦନ ପତ୍ର ।

(ଖ) ସତ୍ୟପାଠ/ ଘୋଷଣାନାମା ସ୍ୱାକ୍ଷର ହୋଇନଥିଲେ ।

(ଗ) ବୟସ ସୀମା ବିଜ୍ଞାପନର ଅନୁଚ୍ଛେଦ -୪ ଅନୁସାରେ ହୋଇ ନଥିଲେ।

(ଘ) ଶିକ୍ଷାଗତ ଯୋଗ୍ୟତା ବିଜ୍ଞାପନର ଅନୁଚ୍ଛେଦ -୫ (ଖ) ଅନୁସାରେ ହୋଇ ନଥିଲେ ।

(ଙ) ଆବଶ୍ୟକ ପ୍ରମାଣ ପତ୍ର ର ନକଲ ଦାଖଲ କରି ନଥିଲେ ।

(ଚ) ଭୂଲ୍ ବା ମିଥ୍ୟା ତଥ୍ୟ ପ୍ରଦାନ କରିଥିଲେ ।

(ଛ) ଯୋଗ୍ୟତା ସମ୍ବନ୍ଧୀୟ ତଥ୍ୟ କୁ ଯଦି ଲୁଚାଇ ଥିବେ ।

(ଜ) ଅନ୍ୟ କୌଣସି କାରଣ ନିଯୁକ୍ତି ମଣ୍ଡଳୀ ଅନୁସାରେ ।

୧୫. **ନିଯୁକ୍ତି ପ୍ରକ୍ରିୟା :-** ପ୍ରାର୍ଥୀ ସଫଳତାର ସହିତ ଅନ୍ ଲାଇନ ପୋର୍ଟାଲରେ ଆବେଦନ କରିସାରିବା ପରେ, ନିଯୁକ୍ତି କ୍ଷେତ୍ରରେ ନିର୍ଦ୍ଧାରିତ ତାରିଖ, ସମୟ ଓ କେନ୍ଦ୍ରରେ ଲିଖିତ ପରୀକ୍ଷା ଦେବେ । ଲିଖିତ ପରୀକ୍ଷା ଦେଇ ଥିବା ପ୍ରାର୍ଥୀ ମାନଙ୍କ ମଧ୍ୟରୁ ତିନି ଗୁଣ ଉତ୍କୃଷ୍ଟ ପ୍ରାର୍ଥୀଙ୍କୁ (ବିଭିନ୍ନ ବର୍ଗର) ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ନିମନ୍ତେ ଡକା ଯିବ । ପ୍ରଥମେ ଶାରୀରିକ ମାପ ପରୀକ୍ଷା ରେ ସଫଳ ହୋଇ ଥିବା ପ୍ରାର୍ଥୀ ମାନେ ଶାରୀରିକ ଦକ୍ଷତା ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ । ଶାରୀରିକ ଦକ୍ଷତା ପରୀକ୍ଷାରେ ଯେଉଁ ପ୍ରାର୍ଥୀ ମାନେ କୃତକାର୍ଯ୍ୟ ହେବେ ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯିବ । ସେହି ତାଲିକାରୁ ଉତକୃଷ୍ଟତା ଆଧାରରେ ବିଜ୍ଞାପନ ଅନୁସାରେ ସମାନ ସଂଖ୍ୟକ ପ୍ରାର୍ଥୀଙ୍କୁ ଚୟନ କରାଯିବ । ଚୟନ ସମୟରେ ନିଯୁକ୍ତି ମଣ୍ଡଳୀ ଯଦି କୌଣସି ପ୍ରାର୍ଥୀଙ୍କର କିଛି ତ୍ରୁଟି ପରିଲିଖିତ କଲେ ତାହେଲେ, ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ । ଉପରୋକ୍ତ ତାଲିକାରେ ପ୍ରାର୍ଥୀଙ୍କର ନାମ ରହିବାର ମାନେ ନୁହେଁ ଯେ ସେ ଅଗ୍ନିକ ବା

ଆଗ୍ନିକ ଗାଡିଚାଳକ  ପଦ ପାଇଁ ଦାବି କରିପାରିବେ ।

(୧୬) **ଆବେଦନ କିପରି କରିବେ :-**

(କ) କେବଳ ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ । ଡାକ ଦ୍ୱାରା ବା ପୋର୍ଟାଲ ବ୍ୟତୀତ ଅନ୍ୟ କୌଣସି ମାଧ୍ୟମରେ ଦିଆଯାଇଥିବା ଆବେଦନ ପତ୍ରକୁ ଗ୍ରହଣ କରାଯିବ ନାହିଁ ।

(ଖ) ପ୍ରଥମେ ପୋର୍ଟାଲରେ login କରିବାକୁ ପଡିବ । ଏହା କରିବା ପୂର୍ବରୁ ସୁନିଶ୍ଚିତ କରନ୍ତୁ ଯେ ଆପଣଙ୍କ ପାଖରେ ସକ୍ରିୟ e-mail ଓ ମୋବାଇଲ ଫୋନ ଅଛି ।

(ଗ) ଥରେ login କଲାପରେ ପୋର୍ଟାଲ ଗୋଟିଏ ରେଜିଷ୍ଟ୍ରେସନ୍ ନମ୍ବର ସୃଷ୍ଟି କରିବ । ଏହି ନମ୍ବରଟି ଆପଣଙ୍କ ରୋଲ ନମ୍ବର ଭାବେ ଶେଷଯାଏଁ କାମ କରିବ । ଏହାକୁ ଅଲଗା ଲେଖି ରଖନ୍ତୁ । ଏହି ରେଜିଷ୍ଟ୍ରେସନ୍ ନମ୍ବର ଓ OTP ମାଧ୍ୟମରେ ଆପଣ ପୋର୍ଟାଲ ରେ login କରି ଆବେଦନ କରିପାରିବେ ଓ ଭବିଷ୍ୟତରେ ପରୀକ୍ଷା ସଂକ୍ରାନ୍ତରେ ସମସ୍ତ ତଥ୍ୟ ପାଇବେ ।

(ଘ) ନିଜର ସଦ୍ୟ (ତିନିମାସରୁ କମ୍ ପୁରୁଣା) ପାସପୋର୍ଟ ଫଟୋ ଅପ୍-ଲୋଡ୍ କରିବାକୁ ପଡିବ । ଫଟୋ ମୋବାଇଲ ଫୋନରେ ନିଅନ୍ତୁ ନାହିଁ  । ଫଟୋର ପଛପଟ ବା background ଧଳା ହବା ଦରକାର । ଫଟୋର ଆକାର ୫୧mm X ୫୧mm ହେବ ଦରକାର । ଏହି ଫଟୋ ର ୭୫ ଭାଗ ଆପଣଙ୍କ ମୁହଁ ଦେଖାଇବା ଦରକାର । ଫଟୋ ଉଠାଇବା ବେଳେ ଟୋପି ବା ଚଷମା ପିନ୍ଧନ୍ତୁ ନାହିଁ । ଦୁଇ ଆଖି ସିଧା କ୍ୟାମେରାକୁ ଦେଖୁଥିବା ଦରକାର ।

(ଙ) ଆପଣ ଯେଉଁ ଦସ୍ତଖତ ସାଙ୍ଗରେ ଅଭ୍ୟସ୍ତ ତାକୁ ଅପଲୋଡ କରନ୍ତୁ । ଦସ୍ତଖତ ମେଳ ନଖାଇଲେ ଆପଣଙ୍କୁ ପରୀକ୍ଷା ଦେବାକୁ ସୁଯୋଗ ଦିଆଯିବ ନାହିଁ ।

(ଚ) ନିଜର ଏକ ଫଟୋ ପରିଚୟ ପତ୍ର ଯଥା ଆଧାର କାର୍ଡ, ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାସପୋର୍ଟ ଓ ଭୋଟର ପରିଚୟ ପତ୍ରକୁ ଅପ୍ ଲୋଡ କରନ୍ତୁ । ପରେ ଏହି ପରିଚୟ ପତ୍ର ପରୀକ୍ଷା ସମୟରେ ଦରକାର ପଡିବ । ଆପଣଙ୍କୁ ପରୀକ୍ଷା କେନ୍ଦ୍ରକୁ ଏହି ପରିଚୟ ପତ୍ରର ଓରିଜିନାଲ କପି ନେଇକି ଆସିବାକୁ ହେବ ।

(ଛ) ଶିକ୍ଷାଗତ ଯୋଗ୍ୟତାର  ପ୍ରମାଣ ସଂକ୍ରାନ୍ତରେ ଆବଶ୍ୟକୀୟ ପ୍ରମାଣ ପତ୍ର ଅପଲୋଡ କରନ୍ତୁ ।

(ଜ) ଡ୍ରାଇଭର ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀ ଭାରୀଯାନ ଲାଇସେନ୍ସ ଅପ୍ ଲୋଡ କରିବାକୁ ହେବ । ସୁନିଶ୍ଚିତ କରନ୍ତୁ ଯେ ଲାଇସେନ୍ସ ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଲାଇସେନ୍ସ ବିଭାଗ ତରଫରୁ ଯାଞ୍ଚ କରାଯିବ । ଅକାମି ବା ମିଛ ଲାଇସେନ୍ସ ହେଲେ ଆବେଦନ ପତ୍ର ନାକଚ୍  ହେବ ।

(ଝ) ପ୍ରତ୍ୟେକ ପ୍ରଶ୍ନକୁ ଯତ୍ନର ସହ ପଢି ଉତ୍ତର ଦିଅନ୍ତୁ । ଯେକୌଣସି ସମୟରେ ଆପଣଙ୍କ ଆବେଦନ ପତ୍ରକୁ **save** କରିପାରିବେ । ପରବର୍ତ୍ତୀ ସମୟରେ ପୁଣି ଆପଣଙ୍କ ଆବେଦନ ପତ୍ରରେ ତ୍ରୁଟି ସୁଧାରୀ ପାରିବେ ବା ପୂରଣ ନକରିଥିବା ପ୍ରଶ୍ନ ଗୁଡିକର ଉତ୍ତର ଦେଇପାରିବେ । କିନ୍ତୁ ଥରେ **submit** କ୍ଲିକ କରି ଆବେଦନ ପତ୍ର ଅପଲୋଡ କଲେ ଆଉ ଆବେଦନ ପତ୍ରରେ କୌଣସି ପରିବର୍ତ୍ତନ କରିପାରିବେ ନାହିଁ ।

(ଞ) ଆବେଦନ କଲାବେଳେ ଆପଣଙ୍କୁ ସ୍ୱୀକାରୋକ୍ତି ଦେବାକୁ ହେବ ଯେ ଆପଣ ସମସ୍ତ ନିର୍ଦ୍ଦେଶାବଳୀକୁ ଓ ପରୀକ୍ଷାର ନିୟମାବଳୀକୁ ସମ୍ପୂର୍ଣ୍ଣ ପଢିଛନ୍ତି । ଏହାଛଡା ଆପଣ ସଠିକ ତଥ୍ୟ ପ୍ରଦାନ କରିଛନ୍ତି ।

(ଟ) ଯୋଗ୍ୟତା, ଶାରୀରିକ ମାପ, ଶାରୀରିକ ଦକ୍ଷତା ପରୀକ୍ଷା, ଲିଖିତ ପରୀକ୍ଷା ଇତ୍ୟାଦି ବିଷୟରେ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ନିୟମ ନିର୍ଦ୍ଧାରଣ କରିଛନ୍ତି । ଆପଣ www.odishafshgscd.gov.in ବ୍ୟବହାର କରି ଓଡ଼ିଶା ସରକାରଙ୍କ ଗୃହ ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୯୩/୨୦୨୧, ତା. ୨୫.୦୮.୨୦୨୧ ଦେଖିପାରିବେ ଓ ପଢିପାରିବେ ।

(ଠ) ପରୀକ୍ଷା ଦେବାକୁ ଆବେଦନ କରିବାର ଅର୍ଥ ନୁହେଁ ଯେ ନିଯୁକ୍ତି ବୋର୍ଡ ଆପଣଙ୍କୁ ଯୋଗ୍ୟ ଘୋଷିତ କରୁଛନ୍ତି । ଆପଣଙ୍କ ପ୍ରଦତ୍ତ ସମସ୍ତ ତଥ୍ୟ ଓ ପ୍ରମାଣ ପତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଯାଞ୍ଚ କରାଯିବ।

(ଡ) ଯଦି ଆପଣଙ୍କର ପ୍ରଦତ୍ତ ସମସ୍ତ ତଥ୍ୟ ଓ ପ୍ରମାଣ ପତ୍ର ସଠିକ ନଥାଏ ତେବେ ଏହି ପଦବୀ ପାଇଁ ଅଯୋଗ୍ୟ ଘୋଷଣା କରାଯିବ । ତେଣୁ ଯଦି ଆପଣ ନିର୍ଦ୍ଦିଷ୍ଟ ଭାବେ ଯୋଗ୍ୟତା ହାସଲ କରିଛନ୍ତି ତାହେଲେ ଆବେଦନ କରନ୍ତୁ, ଅଯଥା କୌଣସି ଅଯୋଗ୍ୟ ବ୍ୟକ୍ତି ପରୀକ୍ଷା ଦେଲେ ଏଥିପାଇଁ ନିଯୁକ୍ତି ବୋର୍ଡ ଦାୟୀ ରହିବନି ।

(ଢ) ଭୁଲ ବା ଜାଲି ତଥ୍ୟ ଓ ପ୍ରମାଣ ପତ୍ର ପ୍ରଦାନ କରିବା ଏକ ଧର୍ତ୍ତବ୍ୟ ଅପରାଧ । ଏପରି କାର୍ଯ୍ୟ ପାଇଁ ସମ୍ପୃକ୍ତ ପ୍ରାର୍ଥୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

(ଣ) ଅନ୍ ଲାଇନ୍ ଆବେଦନ କଲାବେଳେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଆପଣ ଆମର ହେଲ୍ପଡେସ୍କକୁ ଯୋଗାଯୋଗ କରିପାରିବେ । ଏହି ସହାୟତା ଡ଼େସ୍କ କାର୍ଯ୍ୟ ଦିବସ ମାନଙ୍କରେ ସକାଳ ୯ ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ । ସହାୟତା ପାଇଁ ଅଗ୍ନିଶମ ସଂସ୍ଥାର କୌଣସି ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ ନାହିଁ । ସହାୟତା ଡେସ୍କର ନମ୍ବର ହେଲା – **୦୨୬୫ – ୬୧୧୮୧୬୦ (ଓଡିଆ ଭାଷା ପାଇଁ)** ଓ **୦୨୬୫-୬୧୧୮୧୬୧ (ଇଂରାଜୀ ଓ ହିନ୍ଦୀ ଭାଷା ପାଇଁ)** ।

(ତ) ଏହି ପରୀକ୍ଷାରେ ସଫଳ ହେବାପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ । କୌଣସି ପ୍ରକ୍ରିୟାରେ ନିଯୁକ୍ତି ବୋର୍ଡ ବ ଅନ୍ୟ କାହାକୁ ପ୍ରଭାବିତ କରନ୍ତୁ ନାହିଁ । ଏଭଳି ଉଦ୍ୟମ କଲେ ଆପଣଙ୍କ ଆବେଦନ ପତ୍ରକୁ ନାକଚ କରିଦିଆଯିବ । କୌଣସି ଠକ ବା ଦଲାଲଙ୍କ ପ୍ରଭାବରେ ଆସନ୍ତୁ ନାହିଁ । ପରୀକ୍ଷା ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ନିରପେକ୍ଷ ଭାବେ କରାଯିବ। ପ୍ରାର୍ଥୀ କୌଣସି ଦଲାଲଙ୍କ ପ୍ରଭାବରେ ଆସି କ୍ଷତି ଗ୍ରସ୍ତ ହେଲେ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ ।

## ଶେଷ ତାରିଖ

| |
|---|
| ଅନଲାଇନ୍ ଆବେଦନ ଏବଂ ଦାଖଲ ୱେବସାଇଟରେ ତା. ୦୧.୦୯.୨୦୨୩ ରୁ ୩୦.୦୯.୨୦୨୩ ପର୍ଯ୍ୟନ୍ତ ଉପଲବ୍ଧ ହେବ \| ଅନଲାଇନ୍ ଆବେଦନ କରିବାର **ଶେଷ ତାରିଖ ୩୦.୦୯.୨୦୨୩** ଅଟେ । |

**ବି.ଦ୍ର. : ଅନଲାଇନ୍ ଆବେଦନରେ ଯଦି କୌଣସି କ୍ଷେତ୍ରରେ ତ୍ରୁଟି ଦେଖାଯାଏ, ତେବେ ଆବେଦନଟି ପ୍ରତ୍ୟାଖ୍ୟାନ ହେବ |**

**ସ୍ୱା/-**

**ଉପ ଆରକ୍ଷୀ ମହାନିରୀକ୍ଷକ,**
**ଅଗ୍ନିଶମ ଓ ଜରୁରୀକାଳୀନ ସେବା,**
**ଓଡ଼ିଶା, କଟକ**